# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**12 November – 2025**

# ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଗତକାଲି ମତଦାନ ଶେଷ ହୋଇଛି । ନୂଆପଡ଼ାରେ ୮୧ ଦଶମିକ ୪/୫ ପ୍ରତିଶତ ଭୋଟ୍ ଗ୍ରହଣ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ସନ୍ତୁ ଗୋପାଳନ୍ କହିଛନ୍ତି । ଶ୍ରୀ ଗୋପାଳନ କହିଛନ୍ତି, ମତଦାନ ସମୟରେ ଅବହେଳା ଅଭିଯୋଗରେ ୨ ଜଣ ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରାଯାଇଛି ।

**V/O**

# ମିଶନ ପାୱାର

ଗ୍ରାମ ତଥା ସହରାଞ୍ଚଳରେ ବିଦ୍ୟୁତ୍, ପାନୀୟ ଜଳ ଏବଂ ସଡ଼କ ସଂପର୍କିତ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ମିଶନ ପାୱାର ସମନ୍ୱିତ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏନେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ନିୟମିତ ଭାବେ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ପାଇଁ ଏକ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ଗଠନ ଲାଗି ନିଷ୍ପତ୍ତି ହୋଇଛି । ରାଜ୍ୟର ସମସ୍ତ ସ୍ଥାନରେ ୨୦୨୭ ମସିହା ସୁଦ୍ଧା ବିଦ୍ୟୁତ୍, ରାସ୍ତା ଏବଂ ପାନୀୟ ଜଳ ଯୋଗାଣ ସହ ମିଶନ ପାୱାର, ଗତି

ପରିମାଣ ଏବଂ ମାନକ ଉପରେ କାର୍ଯ୍ୟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

---

## ଖାଦ୍ୟ ଯୋଗାଣ ମନ୍ତ୍ରୀ-ଆଲୋଚନା

ଖାଦ୍ୟ  ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧି ତଥା ରାଷ୍ଟ୍ର ଶାଖା ନିର୍ଦ୍ଦେଶକଙ୍କ ସହ ଖାଦ୍ୟ ନିରାପତ୍ତା ତଥା ରାଜ୍ୟରେ ଉତ୍ତମ ପୋଷଣ ସଂପର୍କରେ ଆଲୋଚନା କରିଛନ୍ତି । ବୈଠକରେ ଓଡ଼ିଶାକୁ ଖାଦ୍ୟ ନିରାପତ୍ତାର ଉତ୍କର୍ଷ କେନ୍ଦ୍ର ଭାବେ ପରିଣତ କରିବା ଦିଗରେ କାର୍ଯ୍ୟ କରିବା ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।

---

## ଓଟିଇଟି ପରୀକ୍ଷା

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା- ଓଟିଇଟି-୨୦୨୫ ଆସନ୍ତା ଡିସେମ୍ବର ମାସ ୧୭ତାରିଖରେ ଅନୁଷ୍ଠିତ ହେବ । ଏହି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବ । ଏଥିପାଇଁ ଆଜିଠାରୁ୨୫ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ ହେବ । ପରୀକ୍ଷାର୍ଥୀମାନେ ବୋର୍ଡର ୱେବ୍‌ସାଇଟ୍ **www.bseodisha.ac.in**ରେ ପରୀକ୍ଷା ସଂପର୍କିତ ଅଧିକ ତଥ୍ୟ ପାଇପାରିବେ ।

---

## ମହକ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ **ମହକ** ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ, ଶିଶୁମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଓ ପରିବେଶ ନିର୍ମାଣ ହୋଇ ପାରିଲେ ସେମାନେ ଉତ୍ତମ ନାଗରିକ ହୋଇ ସଂସ୍କୃତି ନିର୍ମାଣ ସହ ଦେଶ ଓ ଜାତିର ବିକାଶରେ ଭାଗିଦାର ହୋଇପାରିବେ । ୫ ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି ।

---

## ସୁରଭି

ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲ୍ ପଡ଼ିଆରେ ଆଜି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ **ସୁରଭି** ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

---

## ବାଲିଯାତ୍ରା-ରାଜ୍ୟପାଳ

ଐତିହାସିକ ବାଲିଯାତ୍ରା କଟକର ଆଜି ଶେଷଦିନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ରାଜ୍ୟପାଳ ମହାନଦୀ ବୋଇତ ପ୍ରତିଯୋଗିତାରେ କୃତିତ୍ୱ

ଅର୍ଜନ କରିଥିବା ଦଳକୁ ପୁରସ୍କୃତ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

---

## ବାଲିଯାତ୍ରା

କେନ୍ଦ୍ରାପଡ଼ାର ଗୋବରୀ ନଦୀପଠାରେ ୭ଦିନ ଧରି ଚାଲିଥିବା ବାଲିଯାତ୍ରା ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲାରେ ବାଲିଯାତ୍ରାର ପରମ୍ପରା ଅନ୍ୟ ସହର ଭଳି ପ୍ରାଚୀନ । ଅତୀତରେ ଏଠାରେ ଉତ୍ପାଦିତ ସାମଗ୍ରୀକୁ ନେଇ ସାଧବପୁଅମାନେ ବିଦେଶକୁ ଯାଇ ବେପାର ବଣିଜ କରୁଥିବାର ପରମ୍ପରା ରହିଆସିଛି ।

---

## ମହାବୀର ମହୋତ୍ସବ

ଭବାନୀପାଟଣାରେ ୬୧ତମ ମହାବୀର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମୈତ୍ରୀ, ସଂହତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସିଙ୍ଗ ବାଜା, ଘୁମୁରା ଓ ସଂକୀର୍ତ୍ତନର ତାଳେତାଳେ ଶହଶହ କଳାକାର ଓ ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ ।

---

## ପ୍ରଥମାଷ୍ଟମୀ

ରାଜ୍ୟରେ ଆଜି ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପ୍ରଥମାଷ୍ଟମୀ ପାଳନ କରାଯାଉଛି । ପ୍ରଥମାଷ୍ଟମୀ ଦିନ ଘରର ଜ୍ୟେଷ୍ଠ

ସନ୍ତାନ ସନ୍ତତିମାନଙ୍କୁ ପୋଡୁଆଁ କରି ନୂତନ ବସ୍ତ୍ର ପରିଧାନ କରିବାର ପରମ୍ପରା ରହିଛି ।

ପୁରୀ ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ଉପଲକ୍ଷେ ଆଜି ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି । ମଧ୍ୟାହ୍ନ ଧୂପ ଶେଷ ହେବା ପରେ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହେବ। ଏହାପରେ ଫୁଲୁପୁରିଆ ଖାଦି ଓ ଛେଦା ପ୍ରସାଦ ଲାଗି ହେବା ସହ ବନ୍ଦାପନା କରାଯାଇ ଶ୍ରୀଜୀଉଙ୍କର ପ୍ରଥମାଷ୍ଟମୀ ନୀତି ପାଳିତ ହେବ।

## ଲୋକସେବା ପ୍ରସାରଣ ଦିବସ

ଲୋକସେବା ପ୍ରସାରଣ ଦିବସ ଆଜି ପାଳନ କରାଯାଉଛି । ୧୯୪୭ ମସିହା ଆଜିର ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ଆକାଶବାଣୀର ଦିଲ୍ଲୀ ଷ୍ଟୁଡିଓରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରଦାନ କରିଥିଲେ । ଏହାର ସ୍ମୃତି ସ୍ୱରୂପ ପ୍ରତ୍ୟେକ ବର୍ଷ ନଭେମ୍ବର ୧୨ ତାରିଖକୁ ଲୋକସେବା ପ୍ରସାରଣ ଦିବସ ଭାବେ ପାଳନ କରାଯାଉଛି । ଶିକ୍ଷା, ସୂଚନା ଓ ମନୋରଂଜନ ସହିତ ରାଷ୍ଟ୍ରହିତ ଏବଂ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ଲୋକସେବା ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବା ସହ ଶୀତ ବୃଦ୍ଧି ପାଇବାରେ ଲାଗିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତର ଲହରି

ଜାରି ରହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଝାରସୁଗୁଡ଼ା, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରିଛି । ଗତକାଲି ଦାରିଙ୍ଗବାଡ଼ିଠାରେ ସର୍ବନିମ୍ନ ତାପମାତ୍ରା ୯ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା ।